# ମୁଖବନ୍ଧ

ମାର୍ଚ୍ଚ 2020 ରେ ସମାପ୍ତ ବର୍ଷ ସମ୍ବନ୍ଧିତ ଏହି ପ୍ରତିବେଦନଟି ରାଜ୍ୟ ବିଧାନସଭାରେ ଉପସ୍ଥାପନ ନିମିତ୍ତ ଭାରତୀୟ ସମ୍ବିଧାନର ଧାରା 151 ଅନୁଯାୟୀ ରାଜ୍ୟପାଳଙ୍କ ନିକଟରେ ଦାଖଲ ନିମନ୍ତେ ପ୍ରସ୍ତୁତ କରାଯାଇଛି ।

ଏହି ପ୍ରତିବେଦନରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ, ଆଇନ, ପଞ୍ଚାୟତି ରାଜ ଓ ପାନୀୟ ଜଳ, ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି, ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସଂପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ, ବିଦ୍ୟାଳୟ ଓ ଗଣଶିକ୍ଷା, ଉଚ୍ଚ ଶିକ୍ଷା ଓ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗର ଅନୁପାଳନ ସମୀକ୍ଷାର ଗୁରୁତ୍ୱପୂର୍ଣ୍ଣ ଫଳାଫଳଗୁଡିକୁ ସ୍ଥାନିତ କରାଯାଇଛି ।

2019-20 ପାଇଁ କରାଯାଇଥିବା ନମୁନା ସମୀକ୍ଷା ସମୟରେ ଦୃଷ୍ଟିଗୋଚର ହୋଇଥିବା ତଥା ବିଗତ ବର୍ଷ ମାନଙ୍କରେ ଦୃଷ୍ଟିକୁ ଆସିଥିବା ସତ୍ତ୍ୱେ ପ୍ରତିବେଦନରେ ସାମିଲ କରା ଯାଇନଥିବା ମାମଲାଗୁଡିକ ଏହି ପ୍ରତିବେଦନରେ ସ୍ଥାନିତ କରାଯାଇଛି । ଆବଶ୍ୟକ ସ୍ଥଳେ 2019-20 ପରବର୍ତ୍ତୀ ଅବଧି ସହ ଜଡିତ ମାମଲାଗୁଡିକ ମଧ୍ୟ ଅନ୍ତର୍ଭୁକ୍ତ କରାଯାଇଛି ।

ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକଙ୍କ ଦ୍ୱାରା ଜାରି କରାଯାଇଥିବା ସମୀକ୍ଷା ମାନଦର୍ଶ ଆଧାରରେ ସମୀକ୍ଷା ପରିଚାଳନା କରାଯାଇଛି ।

ଅନୁଦିତ ପାଠାନ୍ତରରେ ଯଦି କୌଣସି ସନ୍ଦେହ ଉପୁଜେ ତେବେ ଇଂରାଜୀ ପାଠାନ୍ତରକୁ ପ୍ରାମାଣିକ ଭାବେ ଗ୍ରହଣ କରିବା ବିଧେୟ ।